ଶନିବାର, ୩୧ ଡିସେମ୍ବର, ୨୦୨୨

# ପିଲାଙ୍କ ଧରିତ୍ରୀ




୩

୬ କହିଲ ଦେଖି

# ହାପି ନିଉ ଇୟର

## ଗପ

ଦୁଇ ଦିନ ହେଲାଣି ବିଟୁ ଗୋଟିଏ ଜିଦ୍ ଧରି ବସିଛି। ବାପା ବୋଉ ଯେତେ ବୁଝେଇଲେ ବି ବୁଝୁନି। ଶେଷରେ ଜେଜେଙ୍କ କାନକୁ କଥାଟା ଗଲା। ଜେଜେ କହିଲେ, ‘‘ବାପା କହିଲୁ, କ’ଣ ହେଇଚି। ଏବେ ଦୁଇ ମାସ ତଳେ ସ୍କୁଲରୁ ତ ସମସ୍ତେ ପିକ୍‌ନିକ୍‌ରେ ତାରାତାରିଣୀ ଦେଖିବାକୁ ଯାଇଥିଲ। ପୁଣି କାହିଁକି ନୂଆ ବର୍ଷରେ ସେଠି କି ଯିବାକୁ ଇଚ୍ଛା କରୁଛୁ, ଆମେ ଗୋଟେ ନୂଆ ଜାଗାକୁ ଗଲେ ଭଲ ହୁଅନ୍ତା ବୋଲି ମୁଁ ଭାବୁଛି।’’

ବିଟୁ, ଜେଜେଙ୍କର ଭାରି ଗେହ୍ଲା। ଜେଜେଙ୍କ କଥା ସେ କେବେ ଅମାନ୍ୟ କରେନି। ସେ ଭାବିଥିଲା, ପରେ କେବେ ସମୟ ଦେଖି କଥାଟିକୁ ବାପା ବୋଉଙ୍କୁ କହିବ ବୋଲି, ହେଲେ ଏବେ ଆଉ ନ କହିଲେ ଚଳିବ ନାହିଁ ବୋଧେ!

ବିଟୁ କହିଲା, ଜେଜେ ସବୁ ଶୁଣିଲା ପରେ ମତେ ଗାଳି ଦେବନି ତ..? ଜେଜେଙ୍କଠାରୁ ଆଶ୍ୱାସନା ପାଇ ବିଟୁ ଆରମ୍ଭ କଲା... ଏଥର ସ୍କୁଲ ପିକ୍‌ନିକ୍‌ରେ ଆମେ ବ୍ରହ୍ମପୁରରେ ଥିବା ତାରାତାରିଣୀ ମନ୍ଦିର ଯାଇଥିଲୁ। ସେଠି ପାହାଚ ଚଢ଼ି ମନ୍ଦିରକୁ ଯାଇ ଫେରିଲା ବେଳକୁ ଗୋଟିଏ ସାଙ୍ଗ ସହ ଖେଳି ଖେଳି ତଳକୁ ଓହ୍ଲାଉ ଥିଲି। ହେଲେ ଦୌଡ଼ି ଦୌଡ଼ି ଆସୁଥିବାରୁ ନିଜକୁ ସମ୍ଭାଳି ନ ପାରି ପଡି ଯାଉ ଯାଉ ତଳ ପାହାଚ ନିକଟରେ ଛିଡା ହୋଇଥିବା ଗୋଟେ ଛୋଟ ପିଲା ଉପରେ ଓଜାଡି ହୋଇ ପଡ଼ିଲି। ପିଲାଟି ତଳେ ପଡ଼ିଗଲା। ଚଟାଣରେ ବାଜି ତା’ର ମୁଣ୍ଡ ଫାଟି ଗଲା। ସଙ୍ଗେ ସଙ୍ଗେ ଲୋକମାନେ ଧାଇଁ ଆସିଲେ। ‘ଆହା.. ଆହା.. ଅନାଥ ପିଲାଟା’ କହି ତାକୁ ଟେକି ନେଲେ ଡାକ୍ତରଖାନା। ଆମେ ତାକୁ ଅନେକ ବେଳ ଅପେକ୍ଷା କରି କରି ଫେରିଲୁ। ଗୁରୁଜୀ ମତେ କେତେ ଗାଳି ଦେଲେ। ତାଙ୍କୁ ମୁଁ ଭୁଲ ମାଗିଲି। ଶୁଣିଲି, ସେ ପିଲାଟିର କେହିନାହାନ୍ତି, ଗୋଟେ ନଡ଼ିଆ କଦଳୀ ଦୋକାନରେ ସେ ବୋଲହାକ କରୁଛି। ମତେ ଭାରି ଖରାପ ଲାଗିଲା ଜେଜେ। ଆଜି ବି ସେଇ କଥାଟି ପାଇଁ ନିଜକୁ ଦୋଷୀ ଦୋଷୀ ଲାଗୁଚି। ବାପା ବୋଉ, ଏକଥା ଜାଣିଲେ ରାଗିବେ। ତେଣୁ ଡରରେ ମୁଁ କହି ପାରିନି। କିନ୍ତୁ ସେଇଦିନଠୁ ମୁଁ ତା’ ପାଇଁ କିଛି କିଛି ଜିନିଷ ସଜାଡି ରଖିଚି, ତାକୁ ନେଇ ଦେବି ବୋଲି...। ବିଟୁ ଆଖିରୁ ଧାର ଧାର ହୋଇ ଲୁହ ବୋହି ଯାଉଥିଲା। ଜେଜେ ତା’ର ପିଠି ସାଉଁଳି ଦେଲେ। ବିଟୁ ପୁଣି କହିଲା, ଜେଜେ, ଏଠି ମୁଁ ବାପା ବୋଉ ଓ ତୁମ ସହିତ ନୂଆବର୍ଷ ପାଳିବି। ଆଉ ସେଠି ମୋ ପାଇଁ କଷ୍ଟ ପାଇଥିବା ଗୋଟେ ପିଲା ଭୋକ ଉପାସରେ ହନ୍ତସନ୍ତ ହେଉଥିବ। ଜେଜେଙ୍କ କଥାରେ ସମସ୍ତେ ବାହାରିଲେ ତାରା ତାରିଣୀ। ସେଠି ସେମାନେ ନଡ଼ିଆ ଦୋକାନରେ କାମ କରୁଥିବା ଗଣେଶକୁ ଭେଟି ତା ପାଇଁ ନେଇଥିବା ପୁରୁଣା ଜାମା ପଟା ସହ ଜେଜେ କିଣି ଦେଇଥିବା ନୂଆ ଜାମା, ଖେଳଣା ଆଦି ଦେଲେ। ଦୋକାନୀ ସହିତ କଥା ହୋଇ କିଛି ଟଙ୍କା ଦେଇ ଆସିଲେ। ଏଥର ଗଣେଶ ସରକାରୀ ସ୍କୁଲରେ ପାଠ ପଢ଼ିବା ସହିତ ଦୋକାନରେ କାମ ବି କରିବ।

ଏତେଗୁଡ଼ିଏ ଜିନିଷ ପାଇ ଗଣେଶ ଆଶ୍ଚର୍ଯ୍ୟ ହୋଇ ଯାଉଥାଏ। ବିଟୁ ତା’ ହାତ ଧରି ନିଜ ଭୁଲ ପାଇଁ କ୍ଷମା ମାଗିଲା। ଗାଡ଼ିରେ ବସିଲା ବେଳକୁ ଗଣେଶ ହାତ ହଲେଇ ହଲେଇ କହୁଥିଲା ହାପି ନିଉ ଇୟର...।

ବୋଉ ବାପାଙ୍କ ମନ ଆନନ୍ଦରେ କୁଣ୍ଢେମୋଟ ହୋଇ ଯାଉଥିଲା। ଜେଜେ କହିଲେ, ବିଟୁ ଆମର ଖୁବ୍ ବଡ଼ ମଣିଷଟିଏ ହେବ।

**–ଛନ୍ଦା ମିଶ୍ର**
ମୋ:୯୪୩୭୪୫୩୬୧୦





## ଖିଲି ଖିଲି ହସ

ଥରେ ପପୁ ଇଲେକ୍‌ସନ୍‌ରେ ଠିଆ ହେଲା। ତାକୁ ସମୁଦାୟ ତିନୋଟି ଭୋଟ ମିଳିଲା। ଏହା ଦେଖିଲା ପରେ ସେ ପୋଲିସ୍‌କୁ ନିଜର ସୁରକ୍ଷା ପାଇଁ ଜେଡ୍‌ପ୍ଲସ ସିକ୍ୟୁରିଟି ମାଗିଲା।
**ପୋଲିସ୍:** କ’ଣ ପାଇଁ ଜେଡ୍‌ପ୍ଲସ ସୁରକ୍ଷା ଦେବୁ?
**ପପୁ:** ଯେଉଁଠି ମୋ ବିରୋଧରେ ଏତେ ଲୋକ ଅଛନ୍ତି, ସେ ସ୍ଥାନରେ ମୋତେ ନିହାତି ସିକ୍ୟୁରିଟି ମିଳିବା ଦରକାର।

ଦିନେ ରାଜୁର ମା’ଙ୍କ ଶରୀର ଅସୁସ୍ଥ ହେବାରୁ ତାଙ୍କୁ ସେ ନେଇ ହସ୍ପିଟାଲ୍ ଗଲା। ଡାକ୍ତର ଦେଖି କହିଲେ, ଦୁଇଟି ପରୀକ୍ଷା ହେବ। ଏହା ଶୁଣି ରାଜୁ କହିଲା– ମୋ ମା’ ଆଗରୁ ଜମା ପାଠ ପଢ଼ିନି, କେମିତି ସେ ପରୀକ୍ଷା ଦେବ! ମୁଁ କିଛି ଜାଣିପାରୁନି।

**ସୁନା ଦୋକାନୀ:** ଭଉଣୀ ସବୁବେଳେ ଆସୁଛ ଗହଣା ଦେଖୁଛ, ହେଲେ କିଛି ନେଉନ।
**କଷ୍ଟମର:** ଭାଇ, ମୁଁ ସବୁବେଳେ କିଛିନା କିଛି ନେଉଛି, ହେଲେ ତୁମେ ଧ୍ୟାନ ଦେଇନ!

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୂରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ମତାମତ

➲ ଖିଲି ଖିଲି ହସ ମନ କଲା ବଶ
ଯିଶୁଙ୍କ ଜନ୍ମଦିନ ପଢି ଖୁସି ହେଲା ମନ,
ବଡଦିନ ଗୀତ ଖୁସି ହେଲା ଚିତ୍ତ।
**–ଜଗଦୀଶ ସାହୁ,** ହିନ୍ଦୋଳ, ଢେଙ୍କାନାଳ

➲ ‘କହିଲ ଦେଖି’ର ଉତ୍ତର ଦେବାକୁ ମଜା ଲାଗୁଛି।
**– ଅସୀମା ମହାପାତ୍ର,** ଗୋବିନ୍ଦପାଲି, ମାଲକାନଗିରି

➲ ‘ସାନ୍ତାଙ୍କ ଲାଲ ପୋଷାକ’ ବିଷୟଟି ପଢ଼ି ଅନେକ ନୂଆ କଥା ଜାଣିବାକୁ ପାଇଲି।
**– ସରୋଜ ରାୟ,** ବାଉଁଶିଆପଡ଼ା, ନୟାଗଡ଼

## ରଙ୍ଗ ଦିଅ




# ନୂଆବର୍ଷ କେଉଁ ଦେଶରେ କେବେ...

▶▶ ୪୦୦୦ ବର୍ଷ ପୂର୍ବରୁ ପ୍ରାଚୀନ ମେସୋପଟାମିଆର ବେବିଲୋନ ସହରରେ ନୂଆବର୍ଷ ପାଳନ କରାଯାଇଥିଲା। ବେବିଲୋନିଆନ ଅଧିବାସୀ ବସନ୍ତ ଋତୁରେ ପଡୁଥିବା ପ୍ରଥମ ଅମାବାସ୍ୟା ତିଥି ଅନୁଯାୟୀ ନୂଆବର୍ଷ ପାଳନ କରିଥିଲେ। ଏହି ପର୍ବକୁ ସେମାନେ ଅକିତୁ କହୁଥିଲେ।

▶▶ ନୂଆବର୍ଷର ସ୍ୱାଗତ ପ୍ରଥମେ ଓସେନିଆ ଦେଶ କରିଥିଲା। ଏଠାରେ ପ୍ରଥମେ ନୂଆବର୍ଷ ପାଳନ କରାଯାଇଥିଲା। ପ୍ରଶାନ୍ତ ଦ୍ୱୀପରେ ଅବସ୍ଥିତ ଏହି ଦେଶ ଛଡ଼ା ଟୋଙ୍ଗା, ସୋମୟା ଓ କିରିବତୀ ପରି ଦେଶ ପ୍ରଥମେ ନୂଆବର୍ଷ ପାଳନ କରିଥିଲେ। ତେବେ ଏହି ଦେଶରେ ନୂଆବର୍ଷ ଜାନୁୟାରୀ ୧ତାରିଖ ପରିବର୍ତ୍ତେ ୩୧ ଡିସେମ୍ବର ସକାଳ ୧୦ଟାରୁ ଆରମ୍ଭ ହୋଇଥାଏ।

▶▶ ଆମେରିକାକୁ ଲାଗିଥିବା ଦୁଇଟି ଦ୍ୱୀପ ହାଓଲାଣ୍ଡ ଓ ବେକର୍ ସବୁଠାରୁ ଶେଷରେ ନୂଆବର୍ଷ ପାଳନ କରିଥିଲେ। ତେବେ ଏହି ଦୁଇଟି ଦ୍ୱୀପ ପ୍ରତିବର୍ଷ ସମସ୍ତଙ୍କ ଠାରୁ ଶେଷରେ ନୂଆବର୍ଷ ପାଳନ କରିଥାନ୍ତି।

▶▶ ସବୁଠାରୁ ଆଶ୍ଚର୍ଯ୍ୟକର କଥା ହେଉଛି ସବୁ ଦେଶ ୨୦୨୩ରେ ପଦାର୍ପଣ କରୁଥିବା ବେଳେ ଇଥିଓପିଆ ଏପରି ଏକ ଦେଶ ଯେଉଁଠାରେ ୨୦୧୫ ମସିହା ହୋଇଛି।

▶▶ ଭାରତ ଓ ଶ୍ରୀଲଙ୍କାରେ ଡିସେମ୍ବର ୩୧ତାରିଖ ରାତି ୧୨ଟା ପରଠାରୁ ନୂଆବର୍ଷ ଆରମ୍ଭ ହୋଇଥାଏ। ଆମ ଦେଶ ସମୟାନୁସାରେ ଅନ୍ୟ ଦେଶମାନଙ୍କରେ ନୂଆବର୍ଷ ପାଳନ ସମୟ ଭିନ୍ନ ଥାଏ। ଭାରତୀୟ ସମୟାନୁସାରେ ଡିସେମ୍ବର ୩୧ରେ ନ୍ୟୁଜିଲାଣ୍ଡ ଅପରାହ୍ନ ସାଢ଼େ ୩ଟା, ଅଷ୍ଟ୍ରେଲିଆ ସନ୍ଧ୍ୟା ୬.୩୦, ଜାପାନ, ଦକ୍ଷିଣ କୋରିଆ ଓ ଉତ୍ତର କୋରିଆ ରାତି ୮ଟା, ଚାଇନା, ଫିଲିପାଇନ୍ସ ଓ ସିଙ୍ଗାପୁର ରାତି ୯ଟା ୩୦, ବାଂଲାଦେଶ ରାତି ସାଢ଼େ ୧୧ଟା, ନେପାଳରେ ରାତି ୧୧ଟା ୪୫ରେ ନୂଆବର୍ଷ ପାଳନ ହୋଇଥାଏ।



▶▶ ସେହିପରି ଭାରତ ସମୟାନୁସାରେ ଜାନୁୟାରୀ ୧ତାରିଖରେ ପାକିସ୍ତାନ ରାତି ସାଢ଼େ ୧୨ଟା, ଜର୍ମାନୀ, ଫ୍ରାନ୍ସ, ଇଟାଲୀ, ବେଲଜିୟମ ଓ ସ୍ପେନ୍ ଭୋର ୪.୩୦, ବ୍ରିଟେନ୍, ଆୟର୍ଲାଣ୍ଡ, ଆଇସ୍‌ଲାଣ୍ଡ ଓ ପର୍ତ୍ତୁଗାଲ ଭୋର ୫ଟା ୩୦, ବ୍ରାଜିଲ ସକାଳ ସାଢ଼େ ୭ଟା, ଆର୍ଜେଣ୍ଟିନା ସକାଳ ୮ଟା ୩୦, ନ୍ୟୁୟର୍କ ଓ ୱାଶିଂଟନ ପୂର୍ବାହ୍ନ ୧୦.୩୦, ଶିକାଗୋ ପୂର୍ବାହ୍ନ ୧୧ଟା, ହୱାଇ ଅପରାହ୍ନ ୩ଟା ୩୦ରେ ନୂଆବର୍ଷ ପାଳନ କରନ୍ତି।



# ନୂଆବର୍ଷରେ...

ପୁରୁଣା ବର୍ଷକୁ ବିଦାୟ ଦେଇ ପାଦ ଥାପିବ ଆଉ ଏକ ନୂଆବର୍ଷ । ତେବେ ଏହି ଦିନକୁ କିଏ କିପରି ପାଳନ କରିବେ ଏ ସମ୍ପର୍କରେ ପିଲାମାନେ କୁହନ୍ତି.....

## ନୂଆ ଡ୍ରେସ୍ ପିନ୍ଧିବି



ନୂଆବର୍ଷ ଦିନ ନୂଆ ଡ୍ରେସ୍ ପିନ୍ଧି ଗୁରୁଜନଙ୍କ ଆଶୀର୍ବାଦ ନେବି । ତା'ପରେ ମନ୍ଦିରକୁ ଯିବି । ଘରକୁ ଫେରି ମୋ ପରିବାରର ସମସ୍ତ ସଦସ୍ୟଙ୍କ ସହ ହସମଜା କରିବି । ଏହିଦିନ ମଧ୍ୟ ପିକ୍‌ନିକ୍ କରିବାର ପ୍ଲାନିଂ ଅଛି । ନୂଆବର୍ଷର ପ୍ରଥମଦିନଟିରେ ଭରପୂର ମଜା ନେବି ବୋଲି ମୁଁ ଆଶା ରଖିଛି ।

– **ଦିବ୍ୟାଂଶୀ ରଥ,** କ୍ଲାସ୍–୭, ଭେଙ୍କଟେଶ୍ୱର ଇଂଲିଶ ମିଡିୟମ୍ ସ୍କୁଲ,ରସୁଲଗଡ଼,ଭୁବନେଶ୍ୱର

## ଭିତରକନିକା ବୁଲିବାକୁ ଯିବି

ଏଥର ନୂଆ ବର୍ଷକୁ ସ୍ମରଣୀୟ କରିବାକୁ ଆମ ପରିବାର ପକ୍ଷରୁ ଏକ ଯୋଜନା କରାଯାଇଛି । ଆମ ପରିବାର ସଦସ୍ୟ ଏବଂ ମୋ ବାପାଙ୍କ ସାଙ୍ଗଙ୍କ ପରିବାର ଏକାଠି ହୋଇ ଭିତରକନିକା ଯିବୁ । ଏହି ସ୍ଥାନ କୁମ୍ଭୀର ପାଇଁ ପ୍ରସିଦ୍ଧ । ଆମେ ସେଠାରେ ହୋଟେଲରେ ରହିବୁ । ଭିତରକନିକା ବୁଲିବା ସହ ବୋଟିଂର ମଜା ନେବୁ । ଏହା ବ୍ୟତୀତ ମୋର ଆଉ ଏକ ସ୍ପେଶାଲ ପ୍ଲାନିଂ ଅଛି । ନୂଆ ବର୍ଷ ଦିନ ଆମ ଘରେ କେକ୍ କାଟି ୨୦୨୩କୁ ସ୍ୱାଗତ କରିବୁ । ଆଶା ରହିଛି ଏଥର ନୂଆ ବର୍ଷ ସେଲିବ୍ରେଶନ ମୋ ପାଇଁ ସ୍ମରଣୀୟ ହୋଇ ରହିବ ।



–**ସୋନମ୍ ପ୍ରିୟଦର୍ଶିନୀ,** କ୍ଲାସ୍–୫, ଆର୍.ଏନ୍. ସିଂ ମେମୋରିଆଲ୍, ହାଇ ସ୍କୁଲ, କୋଲକାତା

## ମନ୍ଦିରକୁ ଯାଇ ଠାକୁରଙ୍କୁ ପ୍ରାର୍ଥନା କରିବି



ଏହିଦିନ ସକାଳୁ ଉଠି ମୋର ନିତ୍ୟକର୍ମ ସାରି ମନ୍ଦିରକୁ ଯାଇ ଠାକୁରଙ୍କୁ ପ୍ରାର୍ଥନା କରିବି, ଯେମିତି ଏହି ବର୍ଷଟା ଭଲରେ ବିତୁ । ନୂଆବର୍ଷରେ ମୁଁ ଘରେ କେକ୍ କାଟିବି ଓ ନୂଆ ଡ୍ରେସ୍ ପିନ୍ଧିବି । ସାଙ୍ଗସାଥୀ ମିଶି ଘର ପାଖରେ ଫିଷ୍ଟ କରିବୁ । ଏଥିପାଇଁ ଚାନ୍ଦା ଆଦାୟ ସରିଛି । ଏଥର ନୂଆବର୍ଷରେ ଯେହେତୁ ଶାମ୍ବଦଶମୀ ପଡୁଛି ସେଥିପାଇଁ ଭୋଜି ଆମେ ବୁଧବାର କରିବୁ ବୋଲି ପ୍ଲାନିଂ କରିଛୁ ।

–**ନିକିତା ବିଶ୍ୱାଳ,** କ୍ଲାସ୍–୬, କୋଟକଣା ୟୁପି ସ୍କୁଲ,ରଘୁନାଥପୁର,ଜଗତ୍‌ସିଂହପୁର

## ଫ୍ୟାମିଲୀ ସହ ଯିବି ନନ୍ଦନ କାନନ



ପାଠ ପଢ଼ିବା ସହ ନୂଆବର୍ଷକୁ ଭଲ ଭାବେ ଏଞ୍ଜୟ କରିବି ବୋଲି ପ୍ଲାନିଂ କରିଛି । ନୂଆବର୍ଷ ଦିନ ଆମେ ଫ୍ୟାମିଲି ସହ ନନ୍ଦନକାନନ ଯାଇ ସେଠାରେ ବଟାନିକାଲ ଗାର୍ଡେନରେ ଭୋଜି କରିବାର ଯୋଜନା ରହିଛି । ସେଠାରେ ଭୋଜି କରି ଖାଇବା ସହ ପରିବାର ସହିତ କିଛି ସମୟ ବିତାଇ ପାରିବି । ପାଠପଢ଼ା ଏତେ ବଢ଼ିଗଲାଣି ଯେ ସମୟ ମିଳୁନି ଏଞ୍ଜୟ କରିବାକୁ । ସେଥିପାଇଁ ଏଥର ନୂଆବର୍ଷକୁ ଭଲଭାବେ ପାଳନ କରିବି ।

– **ଚିରଞ୍ଜୀବୀ ମହାପାତ୍ର,** କ୍ଲାସ୍–୧୦, ଶ୍ରୀଅରବିନ୍ଦ ଇଣ୍ଟିଗ୍ରାଲ ସ୍କୁଲ୍,ଫୁଲନଖରା,କଟକ



# କଳିକା

ଚଳିତ ବର୍ଷ ଆଇନା ସ୍ତମ୍ଭରେ ଅନେକ କୁନି କୁନି ମଡେଲଙ୍କ ଫଟୋ ପ୍ରକାଶ ପାଇଛି। ସେଥିମଧ୍ୟରୁ ନିର୍ବାଚିତ କୋଡୋଟି ଫଟୋ...


ଦିବ୍ୟାଂଶା ପଣ୍ଡା


ପ୍ରିୟାଶା ଜେନା


ପ୍ରିୟାଂଶୀ ପ୍ରେରଣା ବ୍ରହ୍ମ


ଚନ୍ଦନ ମହାପାତ୍ର


ତୃପ୍ତିମୟୀ ପଣ୍ଡା


ପିୟୁଷ ତ୍ରିପାଠୀ


ଅର୍ଚ୍ଚିତା ଦାସ


ରୁଦ୍ରାଂଶୁ ଦାସ


ଦେବାଂଶୀ ପଟ୍ଟନାୟକ


ତେଜସ୍ୱିନୀ ରାଉତ


ଆହିଲ ମହାନ୍ତି


ଦେବାଂଶୀ ସାହୁ


ସାନ୍‌ଭୀ ପ୍ରଣବୀ ଦାସ


ଆର୍ଯ୍ୟା ଅଭିପ୍ସା




## କବିତା

### ନୂଆ ବରଷ

ନୂଆ ବରଷଟି ଆସିଲାଣି
କୁନା ମୁନା ଯିବେ ମାମୁଘର ଶୁଣି
ଅଳପ ଅଳପ ହସିଲେଣି।
ଆଈ କଥା ମନେ ପଡ଼ିଲାଣି
ମାଈଁ ହାତରନ୍ଧା ମାମୁଙ୍କର ଗେହ୍ଲା
ହାତ ଠାରି ସତେ ଡାକିଲାଣି।
ବୋଉ ଲୁଗାପଟା ଭାଙ୍ଗିଲାଣି
ଜେଜେଙ୍କ ଆଖିରେ ଲୁହ ଛଳ ଛଳ
ଜେଜେମାଆ ସକେଇ କାନ୍ଦିଲାଣି।
ସ୍କୁଲରେ ପରୀକ୍ଷା ସରିଲାଣି
ନୂଆବର୍ଷ ଆସି ଦୁଆର ମୁହଁରେ
ଦୋକାନ କେକ୍‌ରେ ଭରିଲାଣି।
ଗ୍ରିଟିଂସ ଦୋକାନ ଖୋଲିଲାଣି
ପୁରୁଣା ବରଷ ଚାଲି ଯିବ ବୋଲି
ମେସେଜ ଚାଟିଂ ଚାଲିଲାଣି।
ବଣଭୋଜି ଭିଡ଼ ଜମିଲାଣି
ନୂଆ ବରଷର ସ୍ୱାଗତ ପାଇଁ କି
ସବୁ ନୂଆ ନୂଆ ଲାଗିଲାଣି।

**– ବ୍ରହ୍ମମୟୀ ମିଶ୍ର**
ଜଗତ୍‌ସିଂହପୁର
ମୋ: ୯୪୩୭୮୫୩୬୩୭

### ନବ ସକାଳ


ନବ ସକାଳ ଦେଉ ସୁଫଳ
ଦେବ ଆଶିଷ ଝରୁ।
ସରଗପୁରୁ ତାଙ୍କ କୃପାରୁ
ଭଲରେ ଦିନ ସରୁ।
ସାରା ମୁଲକ ସବୁ ପିଲାଙ୍କ
ଧରିତ୍ରୀ ହସି ଉଠୁ।
ଧରିତ୍ରୀ ବିତ୍ତ ବଢୁ ବହୁତ
ସକଳ ବିଘ୍ନ ହଟୁ।
କର୍ମଚାରୀଙ୍କ ଦୁଃଖ ଓ ଶୋକ
ସମସ୍ୟା ହେଉ ଦୂର।
ଜଗତ ସାଇଁ ଚରଣ ଛୁଇଁ
ଶୁଭକାମନା ମୋର।

**– ବସନ୍ତ କୁମାର ଦାସ**
ଭୁବନେଶ୍ୱର
ମୋ: ୯୪୩୭୫୯୭୮୯୬

### ବିପ୍ଳବୀ ସୁରେନ୍ଦ୍ର ସାଏ

ମାଆ ସମଲେଇ ଆଶିଷର ବଳେ
ଏଇ ମାଟିକୁ ଆସିଥିଲ
ଜନମ ଭୂମିର ମୁକତିର ଲାଗି
ବଳିଦାନ ତୁମେ ଦେଇଗଲ।
ରଣ ହୁଙ୍କାରି ସଇନ ସାମନ୍ତେ
ଯୁଦ୍ଧ କରିବାକୁ ଯାଇ
ବ୍ରିଟିଶ ଶାସକ ବନ୍ଦୀ କରିନେଲେ
କିଛି ବିଚାରିଲେ ନାହିଁ।
ଦେଶ ଓ ଜାତିର ସେବା କରି କରି
ଦୁଃଖ ଯନ୍ତ୍ରଣାରେ ଜଳି
ଅନ୍ଧାରି ଗୃହରେ ଜୀବନ ବିତାଇ
ଦେଲ ତୁମେ ପ୍ରାଣବଳି।
ହେ ବିପ୍ଳବୀ ବୀର ସୁରେନ୍ଦ୍ର ସାଏ
ସ୍ୱାଧୀନ ଭାରତ ଆଜି
ସମୟ ସୁଅରେ ଦିନ ଭାସିଗଲା
ଯାଇନାହଁ ତୁମେ ହଜି।
ଝୁରୁଛି ଏ ଦେଶ ଝୁରେ ଏ ମାଟି
ଫେରିଆସ ତୁମେ ଥରେ
ଶୁଭ ଜନ୍ମଦିନେ ଘେନ ହେ ପ୍ରଣାମ
କାହିଁ ଅଛ କେତେ ଦୂରେ।

**– ଶ୍ରୀମତୀ କବିତା ମିଶ୍ର**
ନୀଳାଦ୍ରି ବିହାର, ଭୁବନେଶ୍ୱର
ମୋ: ୯୯୩୭୦୩୩୭୫୦



## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



### ସର୍ବାଧିକ ସଂଖ୍ୟକ ସାନ୍ତାକ୍ଲଜ୍

ପିଲାମାନେ ଖ୍ରୀଷ୍ଟମାସ ପାଇଁ ସ୍କୁଲ୍‌ରେ ଫ୍ୟାନ୍ସି ଡ୍ରେସ୍ କାର୍ଯ୍ୟକ୍ରମ ହୋଇଥିବ। ସବୁ ସାଙ୍ଗମାନେ ଏକାଠି ହୋଇ ସାନ୍ତା ପୋଷାକ ପିନ୍ଧି ବହୁତ ମଜା କରିଥିବ। ତେବେ ଜାଣି ଆଶ୍ଚର୍ଯ୍ୟ ହେବ କେରଳର ତ୍ରିଶୂରଠାରେ ସିଟିଜେନେରି ଏବଂ ତ୍ରିଶୂର ଆର୍କଡିଓସିଜ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଏକ ଚାରିଟେବଲ ଇଭେଣ୍ଟରେ ୧୮,୧୧୨ଜଣ ବ୍ୟକ୍ତି ସାନ୍ତାକ୍ଲଜ୍ ପୋଷାକ ପରିଧାନ କରିଥିଲେ। ତେଣୁ ସର୍ବାଧିକ ସଂଖ୍ୟକ ସାନ୍ତା ଏକାଠି ହୋଇଥିବାରୁ ଏହା ଗିନିଜ ରେକର୍ଡରେ ସ୍ଥାନ ପାଇଛି।


## ଏଥରର



- ଆନ୍ଧ୍ରପ୍ରଦେଶ ଓ କର୍ନାଟକର ନବବର୍ଷକୁ କ'ଣ କୁହାଯାଏ ?
- ମହାରାଷ୍ଟ୍ରର ନବବର୍ଷ କେଉଁ ନାମରେ ପରିଚିତ ?
- ତାମିଲନାଡୁର ନବବର୍ଷକୁ କ'ଣ କୁହାଯାଏ ?
- କେରଳ ନବବର୍ଷ କେଉଁ ନାମରେ ପରିଚିତ ?
- ଗୁଜରାଟୀ ନବବର୍ଷକୁ କ'ଣ କୁହାଯାଏ ?

## ଗତଥରର ଉତ୍ତର

- ବାଇବେଲ
- ଡିସେମ୍ବର ୨୫
- ବେଥଲେହେମ
- ମଦର ମେରୀ
- ସାନ୍ତାକ୍ଲଜ୍



## କହିଲ ଦେଖି




ଗୋଟେ ମାଳରେ ବାରଟି ଫୁଲ
ଥାଏ ସଜେଇ ହୋଇ
ପ୍ରତିଟି ଫୁଲ ଭାରି ଜରୁରୀ
ଅଟେ ଆମରି ପାଇଁ।
ବର୍ଷରେ ଥରେ ସେହି ମାଳର
ବଦଳି ଯାଏ ରୂପ
ପ୍ରତିଟି ଫୁଲ ପାଖୁଡ଼ା ତା'ର
ଛାଡ଼ଇ ସ୍ମୃତି ଛାପ।

**ଉ–କ୍ୟାଲେଣ୍ଡର**




କି ସୁନ୍ଦର ଆହା ରଙ୍ଗ ବେରଙ୍ଗ
କେଡ଼େ ଆଦରରେ ଦିଅଇ ସାଙ୍ଗ
କବିତା ହେଉକି ହେଉ ସାଏରି
ଲେଖି ଦେଉଥାଏ ସେଥିରେ ଭରି
ବର୍ଷରେ ଥରୁଟେ ଚାହିଦା ତା'ର
କେଉଁ ଦରବ ସେ ଏତେ ସୁନ୍ଦର ?

**ଉ– ଅଭିବାଦନ ପତ୍ର (ଗ୍ରୀଟିଙ୍ଗସ କାର୍ଡ)**

ବର୍ଷରେ ଥରେ ଏମିତି ଦିନ
ଧରାକୁ ଆମ ଆସେ
ଦିନ ଓ ମାସ ସାଥିରେ ବର୍ଷ
ସବୁ ନୂତନ ଦିଶେ
ଡାଏରି ପୃଷ୍ଠା ବଦଳି ଯାଏ
ବଦଳେ କ୍ୟାଲେଣ୍ଡର
ଜାଣିଛ କିଏ ନାମଟି ତା'ର
ଦିଅ ଥରେ ଉତ୍ତର।

**ଉ–ନବବର୍ଷ**




**–ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର
ମୋ–୮୩୧୦୩୨୮୩୪୫




୧




୨




୩




୪




୫




୬

୭




୮




୧



**ଆରାଧ୍ୟା ମିଶ୍ର**
କ୍ଲାସ୍-୩, ସେଣ୍ଟ ଜାଭିୟର୍ସ ହାଇସ୍କୁଲ୍, ଖଣ୍ଡଗିରି, ଭୁବନେଶ୍ୱର

୨



**ଧର୍ମିଷ୍ଠା ସୁଜାନ ବେହେରା**
କ୍ଲାସ୍-୫, ଦିଲ୍ଲୀ ପବ୍ଲିକ୍ ସ୍କୁଲ୍, ମିଆପୁର,ହାଇଦ୍ରାବାଦ

୩



**ଦୀକ୍ଷା ଦେବାଂଶୀ ବରାଳ**
କ୍ଲାସ୍-୪, କେନ୍ଦ୍ରୀୟ ବିଦ୍ୟାଳୟ-୧, ଭୁବନେଶ୍ୱର

୪



**ଶୋଭାନ ମହାପାତ୍ର**
କ୍ଲାସ୍-୬, ଡିଏଭି ପବ୍ଲିକ୍ ସ୍କୁଲ୍, ପୋଖରୀପୁଟ୍, ଭୁବନେଶ୍ୱର

୫



**ଅନ୍ୱେଷା ଜେନା**
କ୍ଲାସ୍-୫, ଗଣପତି ଶିଶୁ ବିଦ୍ୟାମନ୍ଦିର, ବମ୍ଫୁରୀ, କଟକ

୬



**ଶ୍ରୀଜିତା ମିଶ୍ର**
କ୍ଲାସ୍- ୮, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର

୭



**ସୌରଭ ରଞ୍ଜନ କର**
କ୍ଲାସ୍-୪, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କଲେଜ ଛକ, କଟକ

୮



**ସହସକୃତି ଭଞ୍ଜଦେଓ**
କ୍ଲାସ୍-୩, ଡିଏଭି ପବ୍ଲିକ୍ ସ୍କୁଲ୍, ୟୁନିଟ୍-୮, ଭୁବନେଶ୍ୱର

# ଶିଶୁ ପ୍ରତିଭା

## ଚଳିତ ବର୍ଷ ପ୍ରକାଶ ପାଇଥିବା ଶିଶୁ ପ୍ରତିଭାମାନଙ୍କ ସମ୍ପର୍କରେ...



### ପ୍ରାଦାନ୍ୟା ମିଶ୍ର

ମାତ୍ର ଦେଢ଼ ବର୍ଷ ବୟସରେ ମୋବାଇଲ୍‌ରେ ଗୀତ ବାଜିବା ମାତ୍ରେ ସେ ନାଚି ଉଠୁଥିଲେ। ବିଭିନ୍ନ ସ୍ଥାନରେ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ସେ ହେଉଛନ୍ତି ରାଉରକେଲା କଳିଙ୍ଗ ବିହାର ସ୍ଥିତ କୋଅପରେଟିଭ୍ କଲୋନୀରେ ରହୁଥିବା ମାଆ ସ୍ମିତା ଓ ବାପା ପ୍ରସନ୍ନ କୁମାର ମିଶ୍ରଙ୍କ ଝିଅ ପ୍ରାଦାନ୍ୟା। ବର୍ତ୍ତମାନ ସେ ଚିନ୍ମୟ ବିଦ୍ୟାଳୟ(ଇ.ଏମ୍)ରେ ଷ୍ଟାଣ୍ଡାର୍ଡ ୧ର ଛାତ୍ରୀ। ସେ କଟକର ଦୟାନନ୍ଦ ସ୍ମୃତିକଳା ପରିଷଦ ତରଫରୁ ମଡର୍ନ ଡ୍ୟାନ୍ସରେ ଆୱାର୍ଡ ପାଇବା ସହ ୩ବର୍ଷ ବୟସରେ ଏସ୍‌ପ୍ଲାନେଡ୍‌ରେ ଫ୍ୟାଶନ୍ ଶୋ', ୨୦୨୧ରେ ଏସ୍‌ବିଆଇ, ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ଆୟୋଜିତ ନୃତ୍ୟ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହୋଇଛନ୍ତି। ନୃତ୍ୟ ବ୍ୟତୀତ ସେ ଗୀତ ଓ ଚିତ୍ରକଳାରେ ମଧ୍ୟ ରୁଚି ରଖନ୍ତି। ୨୦୨୦ରେ ଭୁବନେଶ୍ୱରରେ ଆୟୋଜିତ ଓଡ଼ିଶା ଫ୍ୟାଶନ୍ ଭିଲାରେ ରଜରାଜକୁମାରୀ କିଡ୍ କ୍ୟାଟେଗୋରି୍‌ରେ ସେ ପ୍ରଥମ ପୁରସ୍କାର ପାଇଛନ୍ତି। ଭବିଷ୍ୟତରେ ଜଣେ ଭଲ ଡ୍ୟାନସର୍ ଓ ସିଙ୍ଗର୍ ହୋଇ ଓଡ଼ିଶା ପାଇଁ ଗର୍ବ ଆଣିବାକୁ ଲକ୍ଷ୍ୟ ରଖିଥିବା କୁହନ୍ତି ପ୍ରାଦାନ୍ୟା।



### ଶ୍ରୀୟମ୍ ରଣା

ଅନର୍ଗଳ ଶ୍ଳୋକ ଆବୃତ୍ତି, ୧ରୁ ୧୭ପର୍ଯ୍ୟନ୍ତ ପଣକିଆ କହିବା, ଦେଶର ଭୌଗୋଳିକ ଅବସ୍ଥିତି, ବିଭିନ୍ନ ରାଜ୍ୟର ରାଜଧାନୀ,କେନ୍ଦ୍ରଶାସିତ ଅଞ୍ଚଳର ନାମ କହି ସେ ନିଜ ନାମକୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ଅନ୍ତର୍ଭୁକ୍ତ କରିବାରେ ସକ୍ଷମ ହୋଇଛନ୍ତି। ଏହି ଅଲରାଉଣ୍ଡର ଜଣକ ହେଉଛନ୍ତି ୫ବର୍ଷୀୟ ଶ୍ରୀୟମ୍ ରଣା। ବର୍ତ୍ତମାନ ସେ ବାଙ୍ଗାଲୋରର କ୍ଲେ ପ୍ଲେ ସ୍କୁଲର ୟୁ କେଜିର ଛାତ୍ର। ମା' ଶିଳ୍ପୀ ସୋନାଲୀ ଓ ବାପା ତରୁଣ କୁମାର ରଣାଙ୍କର ଏହି ପୁତ୍ର ପିଲା ବେଳୁ ୟୁଟ୍ୟୁବ୍‌ରୁ ଜଗନ୍ନାଥ ଭଜନ, ଗାୟତ୍ରୀ ମନ୍ତ୍ର, ମହାମୃତ୍ୟୁଞ୍ଜୟ ମନ୍ତ୍ର, ଦୁର୍ଗା ଶ୍ଳୋକ, ମା 'କାଳୀ ଶ୍ଳୋକ ଆଦି ମନେ ରଖିବା ସହ ଅନର୍ଗଳ କହିପାରନ୍ତି । ଭବିଷ୍ୟତରେ ଆଇପିଏସ୍ ଅଫିସର ହେବା ପାଇଁ ଲକ୍ଷ୍ୟ ରଖିଥିବା ଶ୍ରୀୟମ୍ ଆଗକୁ ଅନ୍ତର୍ଜାତୀୟ ସ୍ତରରେ ଆହୁରି ସଫଳତା ଅର୍ଜନ କରିବାକୁ ଆଶା ରଖିଛନ୍ତି।

### ସ୍ୱୀକୃତି ମହାପାତ୍ର

ପୁରୀ ନବକଳେବର ରୋଡ୍‌ରେ ରହୁଥିବା ମା' ସସ୍ମିତା ଏବଂ ପ୍ରତାପ ଚନ୍ଦ୍ର ମହାପାତ୍ରଙ୍କ ଝିଅ ସ୍ୱୀକୃତି। ଖୁବ୍ କମ୍ ବୟସରୁ ସେ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ଗୁରୁଶ୍ରୀ ଅଶୋକ କୁମାର ଦାସଙ୍କଠାରୁ ନୃତ୍ୟ ଶିକ୍ଷା କରିଥିବା ବେଳେ ପରେ ଗୁରୁ ରୋଜାଲିନ୍ ପଣ୍ଡାଙ୍କଠାରୁ ନୃତ୍ୟ ଶିକ୍ଷା କଲେ। ଏହା ପରେ ସ୍କୁଲ୍ ସମେତ ବିଭିନ୍ନ ଜିଲାସ୍ତରୀୟ ଏବଂ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ଓ ପ୍ରଶଂସିତ ହୋଇଛନ୍ତି। ରାଜ୍ୟସ୍ତରୀୟ ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ଇଟିକିଲି ମିଟିକିଲି, ଶିଶୁ ମହୋତ୍ସବ, ଶ୍ରୀକ୍ଷେତ୍ର ମହୋତ୍ସବ, କୋଣାର୍କ ମହୋତ୍ସବ, ଯୁବ ମହୋତ୍ସବ, ପୁରୀ କୁମାର ଉତ୍ସବ, ବଡ଼ଦାଣ୍ଡ ମହୋତ୍ସବ ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ଜିଣି ପାରିଛନ୍ତି ଏବଂ ସୁନାମ ଅର୍ଜନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ତାଙ୍କୁ ମିଳିଛି ପ୍ରତିଭା ସମ୍ମାନ, କଳିଙ୍ଗ ଗୌରବ ସମ୍ମାନ, ଶ୍ରୀକ୍ଷେତ୍ର ନୃତ୍ୟଶିଳ୍ପୀ ସମ୍ମାନ ଭଳି ଅନେକ ପୁରସ୍କାର। ନୃତ୍ୟ ବ୍ୟତୀତ ସଙ୍ଗୀତ ଏବଂ ଚିତ୍ରାଙ୍କନରେ ବି ସେ ବେଶ୍ ପାରଙ୍ଗମ। ଖାଲି ସମୟରେ ସେ ଗଛ ଲଗାଇବାରେ ବେଶ୍ ରୁଚି ରଖନ୍ତି।





### ଆୟାଁଶ ମିଶ୍ର

ଅଳ୍ପ ବୟସରୁ ହିଁ ନୃତ୍ୟ ଓ ଅଭିନୟ କ୍ଷେତ୍ରରେ ନିଜର ଝଲକ୍ ଦେଖାଇ ଦର୍ଶକଙ୍କଠାରୁ ସାଉଁଟିଛନ୍ତି ଅନେକ ପ୍ରଶଂସା। ତେବେ ଚିତ୍ରାଙ୍କନ ଓ ବକ୍ତୃତାରେ ରହିଛି ବିଶେଷ ରୁଚି। ବର୍ତ୍ତମାନ ସେ ଯାଜପୁର ରୋଡସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ୍‌ରେ ଷ୍ଟାଣ୍ଡାର୍ଡ ୩ର ଛାତ୍ର। ପାଠପଢ଼ା ବ୍ୟତୀତ ସେ ନୃତ୍ୟ, କରାଟେ, କମ୍ପ୍ୟୁଟର କୋଡ୍ ପ୍ରୋଗ୍ରାମିଂ ଆଦିରେ ମଧ୍ୟ ଶିକ୍ଷା ଗ୍ରହଣ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ସ୍କୁଲ୍‌ସ୍ତରୀୟ ଫ୍ୟାନସି ଡ୍ରେସ୍, ଲଙ୍ଗ୍ ଜମ୍ପ୍, ଦୌଡ଼, ରାଇମ୍ସ, ଗଳ୍ପ, ହସ୍ତଶିଳ୍ପ କାରିଗରି ଓ ଇଂଲିଶ ବକ୍ତୃତା ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ପୁରୀ ଜିଲା ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ବିଶ୍ୱନାଥପୁରରେ ରହୁଥିବା ଗାୟତ୍ରୀ ଏବଂ ସନ୍ଦୀପ କୁମାର ମିଶ୍ରଙ୍କ ପୁଅ ଆୟାଁଶ। ଡାକ ନାମ ପୁପୁଲ୍ ନାଁରେ ସେ ବେଶ୍ ପରିଚିତ। ସ୍ୱଚ୍ଛ ପୁରୀ ଲୋଗୋ ମେକିଙ୍ଗ ପ୍ରତିଯୋଗିତାରେ ଭାଗ ନେଇ ପୁରୀ ଜିଲାପାଳଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ରାଜ୍ୟ ବାହାରେ ଭିଲାଇ, ଛତିଶଗଡ଼ରେ ଆନ୍ତଃ ରାଜ୍ୟ ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହୋଇଛନ୍ତି। ନିଜର ଏକ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଏବଂ ଇନ୍‌ଷ୍ଟାଗ୍ରାମ୍‌ରେ ଅନେକ ଭିଡିଓ ପୋଷ୍ଟ କରି ଦର୍ଶକଙ୍କ ହୃଦୟ ଜିଣିପାରିଛନ୍ତି। ନିକଟରେ ସେ ଏକ ଓଡ଼ିଆ ଫିଲ୍ମରେ ମଧ୍ୟ ଶିଶୁ କଳାକାର ଭାବେ ଶୁଟିଂ ଆରମ୍ଭ କରିଛନ୍ତି।

### ଜାହ୍ନବୀ ଦତ୍ତ

ଭୁବନେଶ୍ୱରସ୍ଥ ସାଇ ଇଣ୍ଟର ନ୍ୟାଶନାଲ ସ୍କୁଲର ଷ୍ଟାଣ୍ଡାର୍ଡ-୮ର ଛାତ୍ରୀ ତଥା ମା' ବାଣିଶ୍ରୀ ଏବଂ ପିତା ସୁରଜିତ ଦତ୍ତଙ୍କ ଝିଅ ଜାହ୍ନବୀ। ମାତ୍ର ୭ବର୍ଷ ବୟସରେ ଗୁଣୁଗୁଣୁ ହୋଇ ଗୀତ ଗାଉଥିଲେ। ସ୍କୁଲ ପ୍ରତିଯୋଗିତାରେ ଗୀତ ଗାଇବା ପରେ କଣ୍ଠଶିଳ୍ପୀ ହେବାର ଆଶା ତାଙ୍କର ଦ୍ୱିଗୁଣିତ ହୋଇଥିଲା। ଘର ଲୋକଙ୍କ ସହଯୋଗରେ ସେ ସଙ୍ଗୀତ ଶିଖୁଛନ୍ତି। ତାଙ୍କର ଶାସ୍ତ୍ରୀୟ ସଙ୍ଗୀତ ପ୍ରତି ରୁଚି ରହିଛି। ରାଜ୍ୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେ ଅନେକଥର ପୁରସ୍କୃତ ମଧ୍ୟ ହୋଇଛନ୍ତି। ନିକଟରେ ଜି-ଟିଭି ପକ୍ଷରୁ 'ବର୍ନ ଟୁ ସାଇନ୍ 'କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଛନ୍ତି। ଭବିଷ୍ୟତରେ ଜଣେ ଭଲ କଣ୍ଠଶିଳ୍ପୀ ହେବେ ବୋଲି ଆଶା ରଖିଛନ୍ତି ଜାହ୍ନବୀ।

